## ସଂକ୍ଷେପରେ

### ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ ଜାରି

ରୂପସା,୬।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲାର ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ ମଙ୍ଗଳବାର ଚତୁର୍ଥ ଦିନରେ ପହଞ୍ଚିଛି। ଗାନ୍ଧୀ ଜୟନ୍ତୀଠାରୁ କେବଳ ଓପିଡ଼ିରେ ରୋଗୀସେବା ଜାରି ରହିଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଆୟୁଷ ଡାକ୍ତରମାନେ ଚୁକ୍ତିଭିତ୍ତିକରେ କାର୍ଯ୍ୟ କରିବାର ୧୪ବର୍ଷ ବିତିଯାଇଥିଲେ ହେଁ ସରକାର ସେମାନଙ୍କୁ ନିୟମିତ କରିନାହାନ୍ତି। ଅଲ୍ ଓଡ଼ିଶା ଆୟୁଷ ଡାକ୍ତର ସଂଘର ନିଷ୍ପତ୍ତିକ୍ରମେ ରାଜ୍ୟବ୍ୟାପୀ ଅସହଯୋଗ ଆନ୍ଦୋଳନ ଜାରି ରହିଥିବା ସତ୍ତ୍ୱେ ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଆୟୁଷ ବିଭାଗରେ ଚିକିତ୍ସା ପାଇଁ ରୋଗୀସଂଖ୍ୟା ବୃଦ୍ଧି ହେଉଥିବା ବେଳେ ସରକାର ପର୍ଯ୍ୟାପ୍ତ ମେଡ଼ିଶିନ ଯୋଗାଇପାରୁ ନ ଥିବା ଅଭିଯୋଗ ହୋଇଛି। ସଦର ବ୍ଲକ ଅଧୀନ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ କଷାଫଳ, ବାସନ୍ତୀ ସିନ୍ଧିଆ, ପଳାସପୁର, ପରିଖି ଓ ରସାଳପୁର ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ଅସୀତ କୁମାର ପ୍ରଧାନ, ଡା. କାର୍ତ୍ତିକେଶ୍ୱର ସାହୁ, ଡା. ମଧୁସ୍ମିତା ପ୍ରଧାନ, ଡା. ପଦ୍ମାଳୟା ବେହେରା, ଡା. ସୁକାନ୍ତି ସାହୁ, ଡା. ନମିତାବାଳା ବାରିକ ପ୍ରମୁଖ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ଜାରି ରହିବ ବୋଲି ପ୍ରେସ୍ ବିବୃତି ମାଧ୍ୟମରେ କହିଛନ୍ତି। ବନ୍ୟା, ବାତ୍ୟା, କୋଭିଡ ସମୟରେ ଏବଂ ପ୍ରତ୍ୟେକ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିୟୋଜିତ କରାଯାଉଥିଲେ ମଧ ସେମାନଙ୍କୁ ସରକାର ଅଣଦେଖା କରୁଥିବାରୁ ଅସନ୍ତୋଷ ଲାଗିରହିଛି।

### ୪ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର, ୬।୧୦(ଡି.ଏନ.ଏ.)-ପାର୍ବଣ ପୂର୍ବରୁ ପଶ୍ଚିମବଙ୍ଗରୁ ଦେଶୀ ଓ ବିଦେଶୀ ବହୁ ଚୋରା ମଦ ଅଣାଯାଇ ଉପାନ୍ତ ଓଡିଶାର ବିଭିନ୍ନ ସ୍ଥାନରେ ମହଜୁଦ ରଖାଯାଉଥିବା ଗୋଇନ୍ଦା ବିଭାଗ ଅବକାରୀ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କୁ ଜଣାଇଛି। ଡେପୁଟି କମିଶନର ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ଦୁର୍ଗାପୂଜା ପୂର୍ବରୁ ଚୋରା ମଦ ବ୍ୟବସାୟୀମାନେ ଗୋବରଘଟା, ବାଇପାଟଣା, ଲକ୍ଷ୍ମଣନାଥ, ଗୋପ, ବିରିଷପୁର ଅଞ୍ଚଳରେ ମହଜୁଦ ରଖିଥିବା ନେଇ ଅବକାରୀ ବିଭାଗ ଖବର ପାଇବା ପରେ ଚଢାଉ କରିଥିଲା। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି।

### ନିୟମିତ ହେଲେ ୧୨୩ ହାଇସ୍କୁଲ ଶିକ୍ଷକ

ବାରିପଦା ଅଫିସ,୬।୧୦-ସ୍କୁଲ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୯୨୨୩, ତା୫।୧୦।୨୧ରିଖ ଅନୁଯାୟୀ ମୟୂରଭଞ୍ଜ ଜିଲାର ୧୨୩ଜଣ ହାଇସ୍କୁଲ ଶିକ୍ଷକ ନିୟମିତ ହୋଇଛନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରେ ସେମାନେ ଠିକା ଭିତ୍ତିକ ନିଯୁକ୍ତି ପାଇଥିଲେ। ସମଗ୍ର ରାଜ୍ୟରେ ମୋଟ ୩୦୪ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ଚାକିରି ନିୟମିତ ହୋଇଥିବା ସୂଚନା ମିଳିଛି। ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ସତ୍ୟବ୍ରତ ସାହୁ ଏନେଇ ଆକାଉଣ୍ଟ ଜେନେରାଲ, ଭୁବନେଶ୍ୱରଙ୍କୁ ଅବଗତ କରିଛନ୍ତି। ମୟୂରଭଞ୍ଜ ଜିଲାରେ ନିୟମିତ ହୋଇଥିବା ଏହି ଶିକ୍ଷକଙ୍କ ମଧ୍ୟରେ ଆର୍ଟ୍ସରୁ ୨୦, ପିସିଏମ୍‌ରୁ ୧୭, ସିବିଜେଡ୍ ୧୨, କ୍ଲାସିକାଲ(ସଂସ୍କୃତ)ରୁ ୨୭, ହିନ୍ଦିରୁ ୯ ଓ ୩୮ଜଣ ଖେଳ ଶିକ୍ଷକ ରହିଛନ୍ତି। ଏନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ୮୧ ୟୁନିଟ୍ ରକ୍ତ ସଂଗ୍ରହ

ବାହାନଗା, ୬।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ଗ୍ରାମରେ ଭାଜପା ତରଫରୁ ସେବା ଓ ସମର୍ପଣ ସପ୍ତାହ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହାକୁ ମୁଖ୍ୟଅତିଥି ଭାବେ ରେମୁଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ମହିଳା ମୋର୍ଚ୍ଚା ସଦସ୍ୟା ଶୋଭନା ମହାନ୍ତି ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର ତରଫରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଦିନତମାମ ୮୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଅଗ୍ନିଶମ ବିଭାଗରେ ଅତ୍ୟାଧୁନିକ ଟ୍ୟାଙ୍କର

ବାଲେଶ୍ୱର ଅଫିସ, ୬।୧୦

ବାଲେଶ୍ୱର ଜିଲା ଅଗ୍ନିଶମ ବିଭାଗରେ ସାମିଲ୍ ହୋଇଛି ଗୋଟିଏ ଅତ୍ୟାଧୁନିକ ନିଆଁ ଲିଭା ଟ୍ୟାଙ୍କର ଏବଂ ଅନ୍ୟ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟକ ହେବା ପାଇଁ ପ୍ଲାଜମା କଟର। ଏହା ଅଗ୍ନିଶମ ବିଭାଗର କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି କରିଛି। କିନ୍ତୁ ଉକ୍ତ ଟ୍ୟାଙ୍କରଟିର ଲମ୍ବ ଓ ଉଚ୍ଚତା ସାଧାରଣ ଗାଡ଼ିଠାରୁ ଯଥେଷ୍ଟ ଅଧିକ ହୋଇଥିବାରୁ ସହରର ଟ୍ରାଫିକ୍ ସମସ୍ୟା କାର୍ଯ୍ୟର ବାଧକ ସାଜିପାରେ।

୧୯୪୪ ମସିହା ଠାରୁ ବାଲେଶ୍ୱର ଦମକଳ କେନ୍ଦ୍ର ସହରର ଟାଉନହଲ୍ ନିକଟରେ ପ୍ରତିଷ୍ଠା କରାଯାଇଛି। ଏଥିରେ ଆଜିଯାଏଁ ଲୋକଙ୍କ ସେବା ପାଇଁ ୧୦ଟି ଗାଡି ରହିଛି। ସେଥିମଧ୍ୟରୁ ୮ ହଜାର ଲିଟର, ୪.୫ ହଜାର ଲିଟର ଏବଂ ୩

### ବାଧକ ସାଜିପାରେ ଟ୍ରାଫିକ ସମସ୍ୟା

ହଜାର ଲିଟର ବିଶେଷ ତିନୋଟି ପାଣି ଟ୍ୟାଙ୍କର, ୨ ଟ୍ୱିନ୍ ଟେଣ୍ଡର ଗାଡ଼ି ରହିଛି। ପୁଣି ଏଥିରେ ସାମିଲ୍ ହୋଇଛି ଅତ୍ୟାଧୁନିକ ଟ୍ୟାଙ୍କର। ଯାହାର ମୂଲ୍ୟ ୫୦ ଲକ୍ଷ ଟଙ୍କା। ଏଥିସହ ଏକ ପ୍ଲାଜମା କଟର ଗାଡ଼ି। ଏହି ଅତ୍ୟାଧୁନିକ ଟ୍ୟାଙ୍କରଟିର ଲମ୍ବ ୩୨ ଫୁଟ, ଓସାର ସାଢେ ୧୦ ଫୁଟ ଏବଂ ଉଚ୍ଚତା ୧୩ ଫୁଟ ରହିଛି। ଯାହା ୧୬ ହଜାର ଲିଟର ପାଣି ରହିବାର କ୍ଷମତା ରହିଛି। ନିଆଁ ଲାଗିବା ସ୍ଥଳରେ କୌଣସି ପୋଖରୀ କି ନଳକୂପ ନଥିଲେ ବି ଏହି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିପାରିବ। ସର୍ଟ ସର୍କିଟ ନିଆଁ ହେଉ କିମ୍ବା ତେଲ ଗାଡ଼ିରେ ନିଆଁ, ଜାତୀୟ ରାଜପଥ ନିକଟରେ କୌଣସି ଘର ବା ଶିଳ୍ପସଂସ୍ଥାରେ ନିଆଁ, ଗ୍ୟାସ୍ ଟାଙ୍କିରେ ନିଆଁ ଲାଗିଲେ ଏହି ଗାଡ଼ି



ଅତ୍ୟାଧୁନିକ ଟ୍ୟାଙ୍କର ଓ ପ୍ଲାଜମା କଟର।

ନିୟନ୍ତ୍ରଣ କାମ କରିପାରିବ। ସେହିପରି ପ୍ଲାଜମା କଟର ଗାଡ଼ିଟି ଅତ୍ୟାଧୁନିକ ଡିଜି (ଜେନେରେଟର) ସହ କଟର ମେସିନ୍ ସଂଯୁକ୍ତ କରାଯାଇଛି। କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୁହା ଇଲେକ୍ଟ୍ରି ଖୁଣ୍ଟି ରାସ୍ତାରେ ପଡ଼ିଥିଲେ ଅବିଳମ୍ବେ ଏହାଦ୍ୱାରା ରାସ୍ତା ସଫା କରାଯାଇପାରିବାର କ୍ଷମତା ରହିଛି। ଉକ୍ତ ଗାଡ଼ିଗୁଡ଼ିକ ସହରରୁ ବାହାରି ଘଟଣାସ୍ଥଳରେ ପହଞ୍ଚିବା ପାଇଁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ମୁଖ୍ୟତଃ ସିନେମା ଛକରୁ ଫାଣ୍ଡି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ୪ ଚକିଆ ଓ ୨ ଚକିଆ ଯାନ ଫଳରେ ଗାଡ଼ିକୁ ବାହାର କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କଷ୍ଟ ହୋଇଥିବାର ଉକ୍ତ ଗାଡ଼ିର ଚାଳକମାନେ ପ୍ରକାଶ କରିଛନ୍ତି।

ଏ ନେଇ ସହକାରୀ ଅଗ୍ନିଶମ ଅଧିକାରୀ ପରାନ ସୋରେନ କହନ୍ତି, ତେବେ ବିଭିନ୍ନ ସମୟରେ ସହରରେ କେଉଁଠି ନିଆଁ ଲାଗିଲେ ଅଚାନକ ପାଣିର ବ୍ୟବସ୍ଥା ହୋଇପାରେନି। ପାଣି ଅଭାବରୁ ନିଆଁ ଆୟତ୍ତ ନହେବା ଦ୍ୱାରା ଜୀବନ ଯିବାର ଆଶଙ୍କା ମଧ ରହିଥାଏ। ଏଥିପାଇଁ ଏହି ଅତ୍ୟାଧୁନିକ ଟ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ। ଯଦି ଟ୍ରାଫିକ ବ୍ୟବସ୍ଥା ଠିକ୍ ଭାବେ ପରିଚାଳନା କରାଯାଏ ତାହେଲେ ସଠିକ୍ ସମୟରେ ଘଟଣାସ୍ଥଳରେ ଗାଡ଼ିଟି ପହଞ୍ଚି ବହୁ ଧନଜୀବନ ରକ୍ଷା କରିପାରିବ ବୋଲି କହିଛନ୍ତି।

## ବସ୍ତାରୁ ପୁଣି ବ୍ରାଉନସୁଗାର ଜବତ

ବସ୍ତା, ୬।୧୦(ଡି.ଏନ.ଏ.)

୨୪ ଘଣ୍ଟା ନ ପୂରୁଣୁ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରୁ ପୁଣି ବ୍ରାଉନସୁଗାର ଜବତ ହୋଇଛି। ଏହି ଥାନା ଅଧୀନ ରାଜଘାଟ ବାରୁଣୀ ପଡିଆରେ ବ୍ରାଉନସୁଗାର କାରବାର ଚାଲୁଥିବା ଖବରପାଇ ବୁଧବାର ପୋଲିସ ଚଢାଉ କରି ୩ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ମା’ ଆରପାରିରେ, ବାପାଙ୍କୁ କର୍କଟ

### ଶିଶୁ ମଙ୍ଗଳ କମିଟିକୁ ୨ ଶିଶୁ ହସ୍ତାନ୍ତର

ଖଇରା, ୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋଳିହା ମାଧବ ଗ୍ରାମର ଇନ୍ଦ୍ର ସିଂ କର୍କଟରେ ଆକ୍ରାନ୍ତ ହୋଇପଡିଥିବା ବେଳେ ମା’ ଚନ୍ଦ୍ରି କିଛି ମାସ ତଳେ ୨ଶିଶୁ ସନ୍ତାନଙ୍କୁ ଛାଡି ଅଜଣା ରୋଗରେ ଆରପାରିକୁ ଚାଲିଯାଇଛନ୍ତି। ତାଙ୍କର ୨ଶିଶୁ ସନ୍ତାନ ମଧ୍ୟରେ ୬ବର୍ଷର ପୁଅ ରାମ ସିଂ ଓ ୭ବର୍ଷର ଝିଅ ସେବତୀଙ୍କ ପାଇଁ ୨ଓଳି ଖାଦ୍ୟ ଯୋଗାଡ ମୁସ୍କିଲ ହୋଇପଡିଥିଲା। ଝାଟିମାଟି ଘର ମଧ ବାସୋପଯୋଗୀ ନ ଥିଲା। ପଡୋଶୀମାନଙ୍କ ସହଯୋଗରେ ତାଙ୍କୁ କିଛି ଖାଦ୍ୟ ଦିଆଯାଉଥିବା ବେଳେ କ୍ଷୁଧା ନିବାରଣ ପାଇଁ ଭିକ୍ଷାବୃତ୍ତି କରୁଥିଲେ। ରକ୍ଷଣାବେକ୍ଷଣ ଅସମ୍ଭବ ହୋଇପଡିବାରୁ ଗ୍ରାମବାସୀ ଖଇରା ଚାଇଲ୍ଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରାଙ୍କୁ ଖବର ଦେଇଥିଲେ। ବେହେରାଙ୍କ ପରାମର୍ଶକ୍ରମେ ଟିମ୍ ଲିଡର ତପସ୍ୱିନୀ ରାଉତ ଓ ସହଯୋଗୀ ଜ୍ୟୋତି ପ୍ରକାଶ କର, ପଞ୍ଚାନନ ତ୍ରିପାଠୀଙ୍କ ସହ ସୋମବାର ଗ୍ରାମକୁ ଯାଇ ପିଲା ୨ଜଣଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲେ।

# ଥାନାରେ ଅଢେଇ ଘଣ୍ଟା ତାଲା


ଭାଜପା ପକ୍ଷରୁ ଥାନା ଘେରାଉ କରାଯାଉଛି।

ବାଲେଶ୍ୱର ଅଫିସ, ୬।୧୦

ବାଲେଶ୍ୱର ସହର ସହଦେବଖୁଣ୍ଟା ମଡ଼େଲ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରତିବାଦ କରି ରେମୁଣା ଭାଜପା କର୍ମୀମାନେ ପ୍ରବଳ ବର୍ଷିବା ସହ ଥାନାରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ ଅଢେଇ ଘଣ୍ଟା ଧରି ଥାନା ବନ୍ଦ ରହିଥିଲା।

ଗତ ସେପ୍ଟେମ୍ବର ୨୫ତାରିଖ ସନ୍ଧ୍ୟାରେ ଫୁଲାଡି ନିକଟରେ ବଳଙ୍ଗ ନଦୀ ଉପରେ ନିର୍ମାଣାଧୀନ ପୋଲରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ମଦ୍ୟପାନ କରୁଥିବା ବେଳେ ସେଠାରେ ନିୟୋଜିତ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ଼ ବିଦ୍ୟାଧର ଦାସ ବାରଣ କରିଥିଲେ। ଉକ୍ତ ଯୁବକମାନେ

### ଆଇନ ଶୃଙ୍ଖଳା ବିଫଳତାକୁ ନେଇ ବର୍ଷିଲା ଭାଜପା

ତାଙ୍କୁ ମାଡ଼ ମାରିବା ସହ ତେଲେଙ୍ଗା କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବିଦ୍ୟାଧରଙ୍କ ଦୁଇ ଗୋଡ଼ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଏନେଇ ବିଦ୍ୟାଧରଙ୍କ ପତ୍ନୀ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅପରପକ୍ଷରେ ବିଦ୍ୟାଧରଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି। ବିଦ୍ୟାଧରଙ୍କ ନ୍ୟାୟ ଦାବିରେ ଭାଜପା ଅଣ୍ଟା ଭିଡ଼ିଛି। ଘଟଣାସ୍ଥଳରେ ସିଟି ଡିଏସ୍‌ପି ଅମୂଲ୍ୟ ଧର, ଡିଏସ୍‌ପି ମାନସ ଦେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୪୮ଘଣ୍ଟା ମଧ୍ୟରେ ଅପରାଧୀଙ୍କୁ ଗିରଫ କରାଯିବା ସହ ଅନ୍ୟ ସମସ୍ତ ଦାବି ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରାଯାଇ ପୂରଣ ହେବାରେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଧାରଣାରୁ ଓହରିଥିଲେ। ଦହପଡ଼ା ସରପଞ୍ଚ ସୃଷ୍ଟିଧର ଦାସ, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଉମାକାନ୍ତ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ଶୁଭଙ୍କର ମହାପାତ୍ର, ଆଶିଷ ଘୋଷ, ସୃଷ୍ଟିଧର ଦାସ, ପର୍ଶୁରାମ ପରିଡ଼ା ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ପରିବେଶର ସନ୍ତୁଳନ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ

ଖଇରା, ୬।୧୦(ଡି.ଏନ.ଏ.)

### ବନ୍ୟପ୍ରାଣୀ ସପ୍ତାହ

ବାଲେଶ୍ୱର ଜିଲା ଅଧୀନ ଖଇରା ହାଇସ୍କୁଲ ପରିସରରେ ବୁଧବାର ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ଡିଏଫ୍ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ପୁରାତନ ଛାତ୍ର ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥୀ, ସହକାରୀ ବନ ସଂରକ୍ଷକ ତପନ କୁମାର ପରିଡା ଓ ସୁଶାନ୍ତ କୁମାର ଜେନା, ଖଇରା ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ଉଭୟ ଖାଦ୍ୟ ଓ ଖାଦକର ଆବଶ୍ୟକତା ରହିଛି। ଏଣୁ ସନ୍ତୁଳନ ରକ୍ଷା କରିବାର ଦାୟିତ୍ୱ ପ୍ରତ୍ୟେକ ନାଗରିକଙ୍କର ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। ଅନ୍ୟତମ ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୨୮୫ପ୍ରଜାତିର ଚଢେଇଙ୍କ ଉପରେ ଗବେଷଣା କରି ତଥ୍ୟ ସଂଗ୍ରହ କରିଥିବା ନୀଳଗିରିର ମନୋରଞ୍ଜନ ଦାସ, ଦିଲୀପ କୁମାର ପ୍ରଧାନଙ୍କ ସମେତ ଅନ୍ୟ ୪ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାନ୍ଦିପୁର, ଜଳେଶ୍ୱର, ନୀଳଗିରି ଓ କୁଲଡିହା ରେଞ୍ଜ ଅଧୀନରେ କାର୍ଯ୍ୟରତ ବନ କର୍ମଚାରୀ ଏବଂ ଖଇରା ହାଇସ୍କୁଲ ସ୍କାଉଟଗାଇଡର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ ପ୍ରତିରକ୍ଷା ଉପଦେଷ୍ଟା କମିଟି ଚେୟାରମ୍ୟାନ



ବାଲେଶ୍ୱର ରେଳ ଷ୍ଟେଶନରେ ଜୁଏଲ ଓରାମଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ବାଲେଶ୍ୱର ଅଫିସ, ୬।୧୦

ପ୍ରତିରକ୍ଷା ଉପଦେଷ୍ଟା କମିଟିଚେୟାରମ୍ୟାନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମଙ୍ଗଳବାର ବାଲେଶ୍ୱର ରେଳଷ୍ଟେଶନରେ ପହଞ୍ଚିଛନ୍ତି । ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା କେନ୍ଦ୍ରରେ ଦୁଇଦିନ ଧରି ତାଙ୍କର ନାନାବିଧ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି ବୋଲି ବିଶେଷ ସୂତ୍ରରୁ ପ୍ରକାଶ। ଓରାମଙ୍କୁ ଜିଲା ଭାଜପା ତରଫରୁ ବାଲେଶ୍ୱର ରେଳଷ୍ଟେଶନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ଉପସଭାପତି କମଳଲୋଚନ ଦାସ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ବେରା, ଯୁବମୋର୍ଚ୍ଚା ଉପସଭାପତି ସୁବୋଧ ଚନ୍ଦ୍ର ପଣ୍ଡା ଓ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପା କର୍ମୀ ବୈଠକ

ବାଲିଆପାଳ, ୬।୧୦(ସ୍ୱ.ପ୍ର.)

ବାଲିଆପାଳ ବ୍ଲକର ସାଉଡି ପଞ୍ଚାୟତ ଅଧୀନ ସାଉଡିଚକ ଗ୍ରାମର ବିଜୟ ପାଢୀଙ୍କ ବାସଭବନରେ ବୁଧବାର ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଉଡ଼ି ପଞ୍ଚାୟତର ଭାଜପା ପଞ୍ଚାୟତ ସଭାପତି ଜଗନ୍ନାଥ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ନେତା ଅଜୟ କୁମାର ସାହୁ ଯୋଗଦେଇ ସାଉଡି ପଞ୍ଚାୟତର ୧୩ଟି ୱାର୍ଡରେ ଭାଜପାର ସଙ୍ଗଠନକୁ ମଜବୁତ କରିବା ବିଷୟରେ କର୍ମୀମାନଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନାର ମନ୍ତ୍ର କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ଦିଗରେ କର୍ମୀମାନଙ୍କୁ ବୁଝାଇ କହିଥିଲେ। ବୈଠକରେ ଯୁବନେତା କ୍ଷୀତିସ କୁମାର ଜେନା ଯୋଗଦେଇ ବାଲିଆପାଳ ବ୍ଲକରେ ଚାଲିଥିବା ଦୁର୍ନୀତି ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ ହେବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ସୁବାସ ମୈକାପ, ଶକ୍ତିପଦ ପାତ୍ର, ବିଜୟ ପାଢ଼ୀ, ବିଜୟ ପାତ୍ର, ପ୍ରଦୀପ ସାମନ୍ତ, ସୁବଳ ଜେନା, ବାଇଧର ମଣ୍ଡଳ, ମହାଦେବ ଚନ୍ଦ୍ର ଜେନା, ତାରାପଦ ନାୟକ ଓ ସପନ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖରିଫ ଧାନଚାଷ ବ୍ୟାପକ କ୍ଷତି

ଜଳେଶ୍ୱର, ୬।୧୦(ଡି.ଏନ.ଏ.)

ଉତ୍ତର ବାଲେଶ୍ୱର ସହିତ ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ବର୍ଷାପାଣି ଜଳେଶ୍ୱର, ଭୋଗରାଇ, ବାଲିଆପାଳର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ କରିଥିଲା। ସେହିପରି ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଦେଖାଦେବାରୁ ତଳିଆ ଅଞ୍ଚଳରେ ଦୀର୍ଘଦିନ ପାଣି ଜମିରହିଥିଲା। ଫଳରେ ଖରିଫ ଧାନଚାଷରେ ବ୍ୟାପକ କ୍ଷତି ଘଟିଛି। ଚଳିତବର୍ଷ ଜଳେଶ୍ୱରରେ ୨୦,୦୫୫ ହେକ୍ଟର ଜମିରେ ଖରିଫ ଧାନଚାଷ

### ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା

ରୁଆପୋଡା ହୋଇଥିଲା। ବର୍ଷା ଓ ବନ୍ୟା ଯୋଗୁ ୩୫୦୦ ହେକ୍ଟର ଜମି ଦୀର୍ଘଦିନ ଧରି ପାଣିରେ ବୁଡି ରହିଥିଲା। ପରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ ପରେ ୩୩ ଭାଗରୁ କମ୍ ୯୪୧ ହେକ୍ଟର ଓ ୩୩ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ୫୫୫ ହେକ୍ଟର ଜମିର ଧାନ ନଷ୍ଟ ହୋଇଥିବା କୃଷି ବିଭାଗର ସହକାରୀ ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ପ୍ରକାଶ କରିଛନ୍ତି। ଭୋଗରାଇରେ ଚଳିତବର୍ଷ ୧୭୬୩୩ ହେକ୍ଟର ଜମି ଆବାଦ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲେ ମଧ ପ୍ରତିକୂଳ ପାଗ ଯୋଗୁ ୧୫୮୩୭ ହେକ୍ଟର ଜମିରେ ରୁଆପୋତା ହୋଇଥିଲା । ଏଥିରୁ ୧୦ଦିନରୁ ଅଧିକ ସମୟ ୯୮୫୦ ହେକ୍ଟର ଜମି ପାଣି ବୁଡି ରହିଥିଲା। ଧାନଚାଷ ବ୍ୟତୀତ ୧୧୩ ହେକ୍ଟର ଜମିରେ ଅଣଧାନଚାଷ ନଷ୍ଟ ହୋଇଥିବା ଜିଲା କୃଷି ଅଧିକାରୀ ଚନ୍ଦ୍ରଶେଖର ପାଢୀ ସୂଚନା ଦେଇଛନ୍ତି ।

## ନାଗରିକ ମଞ୍ଚର ସାପ୍ତାହିକ ସଫେଇ

ବାହାନଗା, ୬।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ନାଗରିକ ମଞ୍ଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୩୬୫ ତମ ସାପ୍ତାହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ‘ସ୍ୱଚ୍ଛ ଭାରତ ବିକାଶିତ ଭାରତ’ ମହାତ୍ମା ଗାନ୍ଧୀଙ୍କ ଏହି ପବିତ୍ର ବାର୍ତ୍ତାକୁ ସାକାର କରିବା ନିମନ୍ତେ ନାଗରିକ ମଞ୍ଚ ସ୍ୱେଚ୍ଛାସେବୀମାନେ ୨୦୧୪ ମସିହା ଗାନ୍ଧୀ ଜୟନ୍ତୀଠାର ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ସକାଳେ ବିଭିନ୍ନ ଦପ୍ତର ପରିସର, ବଜାର ସ୍ଥଳୀ, ଧାର୍ମିକ ଅନୁଷ୍ଠାନ, ବଣଭୋଜିସ୍ଥଳୀ, ମେଳା ପରିସର, ସମୁଦ୍ର କୂଳ ଆଦି ସ୍ଥାନକୁ ଆବର୍ଜନାଶୂନ୍ୟ ରଖିବାକୁ ପ୍ରୟାସ ଜାରି କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ମଞ୍ଚର ସ୍ୱେଚ୍ଛାସେବୀମାନେ ଗାନ୍ଧୀ ଜୟନ୍ତୀରେ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରିଥିଲେ। ସଫେଇ ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ଯୋଗ ଦେଇଥିଲେ। ସୁଦର୍ଶନ ମହାପାତ୍ର ସଭା ପରିଚାଳନା କରିଥିଲେ।


ନାଗରିକ ମଞ୍ଚ ପକ୍ଷରୁ ସଫେଇ କରାଯାଉଛି।

## କାରଖାନାର ସାମଗ୍ରିକ ବିକାଶକୁ ଗୁରୁତ୍ୱ



ସଭାପତି ଶାନ୍ତନୁ ଦାସ ଉଦ୍‌ବୋଧନ ଦେଉଛନ୍ତି।

ରୂପସା, ୬।୧୦(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଝୋଟ କାରଖାନା ଶ୍ରମିକ ସଂଘ ଆନୁକୂଲ୍ୟରେ ସୋମବାର ସଂଘର ନୂତନ ସଭାପତି ଆଇନଜୀବୀ ଶାନ୍ତନୁ କୁମାର ଦାସଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ଦୀପକ କୁମାର ପଣ୍ଡା ପୌରୋହିତ୍ୟ କରିଥିଲେ। ସଭାପତି

### ଝୋଟକଳ ଶ୍ରମିକସଂଘର ସମ୍ବର୍ଦ୍ଧନା ସଭା

ଶାନ୍ତନୁ କୁମାର ଦାସ କାରଖାନା କର୍ତ୍ତୃପକ୍ଷ ଓ ଶ୍ରମିକଙ୍କ ସମନ୍ୱୟରେ କିଭଳି ଶ୍ରମିକ ଓ କାରଖାନାର ସାମଗ୍ରିକ ବିକାଶ ହେବ ସେ ଦିଗରେ ଆଲୋକପାତ କରିଥିଲେ। ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଭଗବାନ ମହାପାତ୍ର, ଶୁଭେଚ୍ଛୁ ଜୟକୃଷ୍ଣ ବେହେରା, ସରପଞ୍ଚ ସଞ୍ଜୟ କୁମାର ସେଠୀ ପ୍ରମୁଖ କାରଖାନାର ଉତ୍ପାଦନ ବୃଦ୍ଧି ହେଲେ ଶ୍ରମିକଙ୍କ ଉନ୍ନତି ଘଟିବ ବୋଲି ବକ୍ତବ୍ୟରେ କହିଥିଲେ। କୋଷାଧ୍ୟକ୍ଷ ଉମେଶ ନାୟକ, ରଜନୀକାନ୍ତ ବିଶ୍ୱାଳ, ରଘୁନାଥ ସାହୁ, ବ୍ରହ୍ମାନନ୍ଦ ଜେନା, ଡମାନ ମୁର୍ମୁ ଓ ହୃଷିକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଉପନିର୍ଦ୍ଦେଶକଙ୍କ ଏମ୍‌କେସି ହାଇସ୍କୁଲ ପରିଦର୍ଶନ

ବାରିପଦା ଅଫିସ,୬।୧୦

ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ଉପନିର୍ଦ୍ଦେଶକ ସସ୍ମିତା ମାଳୀ ଏମ୍‌କେସି. ହାଇସ୍କୁଲ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପରାମର୍ଶ ଦେଇଥିଲେ। ରିଲେସନସିପ୍ ଅଫିସର ମୈତୀ ବାବୁ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ମୋ ସ୍କୁଲ ଅଭିଯାନ ଭାରପ୍ରାପ୍ତ ଅଧିକାରୀ ମନୋଜ କୁମାର ଶର୍ମା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ଅମିତାଭ ମିଶ୍ର ପ୍ରମୁଖ ଉପନିର୍ଦ୍ଦେଶକଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ଅମୂଲ୍ୟ କୁମ୍ଭକାର, ବିଜୟ କୁମାର ନାଥ ଓ ପ୍ରଦୀପ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୋକାନୀଙ୍କୁ ଆକ୍ରମଣ: ୩ ଭାଇ ଗିରଫ

ବାଙ୍ଗିରିପୋଷି,(ଡିଏନଏ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଟୁଶୋଳ ଛକଠାରେ ଦୋକାନୀ କରିଥିବା ହେମନ୍ତ ବଗାଳ (କଟୁ)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ୩ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସରାସପୋଷି ଗ୍ରାମର ଯୋଗେଶ୍ୱର ନାଏକଙ୍କ ପୁଅ ତ୍ରିଲୋଚନ, ଦେବାନନ୍ଦ ଓ ହରିହର । ଏନେଇ ଥାନାରେ ଏକ ମାମଲା (ନଂ.୨୩୧/୨୧) ରୁଜୁ ହୋଇଛି। ଆହତ ହେମନ୍ତଙ୍କୁ ଚିକିତ୍ସା ପାଇଁ ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



# ସଂକ୍ଷେପରେ

## କେନାଲରେ ବୁଡ଼ି ଶିଶୁ ମୃତ

କୁଲିଅଣା,୬।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଲିଅଣା ଥାନା ଅନ୍ତର୍ଗତ ଆମ୍ବ ଗ୍ରାମ ସ୍ଥିତ କେନାଲରେ ବୁଡ଼ି ଜଣେ ଶିଶୁଙ୍କର ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ ଧନିଆ ମହାଲିଙ୍କ ବର୍ଷକର ପୁଅ ଆଖିରା ବୁଧବାର ଖେଳୁଥିବା ସମୟରେ ସେ କେନାଲ ପାଣିରେ ଖସିପଡ଼ିଥିଲେ। ଏନେଇ କୁଲିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୪/୨୧) ରୁଜୁ ହୋଇଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

ଭଦ୍ରକ ଅଫିସ, ୬।୧୦

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ଗେଙ୍ଗୁଟି ନଦୀ ପୋଲ ମୁଣ୍ଡରେ ବୁଧବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୋହଡ଼ା ପଞ୍ଚାୟତ କଣ୍ଡାପାରି ଗ୍ରାମର ସାଗର ଯେନା(୩୩)। ସୂଚନା ଅନୁଯାୟୀ, ସାଗର ବାଇକ୍‌ରେ ଦୋବଲ ବଜାରକୁ ଆସୁଥିଲେ। ପୋଲ ମୁଣ୍ଡରେ ଭାରସାମ୍ୟ ହରାଇ ପଥରକୁ ଧକ୍କା ଦେଲେ କି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଲା ତାହା ସ୍ପଷ୍ଟ ହୋଇନାହିଁ। ବାଇକ୍‌ଟି ନଦୀକୁ ପଡ଼ିବା ସହ ପଥରରେ ବାଜି ତାଙ୍କ ମୁଣ୍ଡ ଓ ଆଖିପତ୍ତାରେ ଗଭୀର ଆଘାତ ଲାଗିଥିଲା। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ନେଇ ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୋଲିସ ପହଞ୍ଚି ବାଇକ୍ ଓ ମୃତଦେହ ଜବତ କରିଥିଲା।

## ପୋଖରୀରେ ବୁଡ଼ିଗଲେ ଶିଶୁକନ୍ୟା

ପଦ୍ମପୁର, ୬।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କୋଡ଼ଗମ୍ଭୀର ଗ୍ରାମରେ ବୁଧବାର ପୋଖରୀରେ ପଡ଼ି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତା ଶିଶୁକନ୍ୟା ହେଲେ ଗ୍ରାମର ଗଣେଶ ମହାରଣାଙ୍କ ଝିଅ ଅଙ୍କିତା(୪)। ପରିବାର ଲୋକଙ୍କ କହିବା ଅନୁଯାୟୀ, ଅଙ୍କିତା ମଧାହ୍ନରେ ପଡ଼ୋଶୀଙ୍କ ଘରକୁ ଖାଇବାକୁ ଯାଇ ଫେରି ନ ଥିଲେ। ସେମାନେ ଖୋଜାଖୋଜି କରି ନିକଟସ୍ଥ ଏକ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସାବରଙ୍ଗ ଥାନାରେ ଅପମୃତ୍ୟୁ ମାମଲା(ନଂ.୧୮/୨୧) ରୁଜୁ ହୋଇଛି।

## ନାବାଳିକାଙ୍କୁ ବଳାତ୍କାର: ଶିକ୍ଷକ ଗିରଫ

ରାଇରଙ୍ଗପୁର,୬।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଜଣେ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୨୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ବାରଙ୍ଗ ଗ୍ରାମର ଅର୍ଜୁନ ସୋରେନ। ରାଇରଙ୍ଗପୁର ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରକୁ ଅର୍ଜୁନ ଆସିଥିବା ବେଳେ ସମ୍ପୃକ୍ତ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବା ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଉଭୟଙ୍କ ଡାକ୍ତରୀ ମାଇନା ପରେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦୋକାନରୁ ଚୋରି, ୨ ଗିରଫ

ସାରସକଣା,୬।୧୦(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ଧାଙ୍ଗୁଡିଶୋଳ ଛକରେ ଥିବା ଅଖିଳ ଗିରିଙ୍କ ଜଳଖିଆ ଦୋକାନରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମାଟିଆବେଡ଼ା ଗ୍ରାମର ମୌସମ ସିଂ ଓ ରିତ ସିଂ। ଏନେଇ ଥାନାରେ ଏକ ମାମଲା(ନଂ.୨୧୮/୨୧) ରୁଜୁ ହୋଇଛି।

## ଝାଡ଼ାବାନ୍ତିରେ ପୁଣି ୨ ଅସୁସ୍ଥ

କୁଆମରା,୬।୧୦(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତର ନୂଆଗାଁରେ ଝାଡ଼ାବାନ୍ତି ବ୍ୟାପି ୧୭ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବୁଧବାର ପୁଣି ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଉଭୟଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୪ଜଣ ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ ପହଞ୍ଚି ଗ୍ରାମରେ ଥିବା ବିଭିନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ତେବେ ଝାଡ଼ାବାନ୍ତି ନିୟନ୍ତ୍ରଣରେ ରହିଥିବା ବିପିଏମ୍ ଅନୁଭବ ପଟ୍ଟନାୟକ କହିଛନ୍ତି।

# 'ପରିଶ୍ରମର ମୂଲ୍ୟ ମିଳୁନି'

କେନ୍ଦୁଝର, ୬।୧୦(ସ୍ୱ.ପ୍ର.)

ପେଟପାଟଣା ପାଇଁ ଅନେକ ଲୋକ ବିଭିନ୍ନ ପ୍ରକାରର କାମ କରୁଛନ୍ତି। ଏଭଳି ଝୁମ୍ପୁରା ବ୍ଲକର ଇସଲାମ ଭାରତୀ, ଅନୱାର ଖାନ ଗାଁ ଗାଁ ବୁଲି ଲୋକଙ୍କ ପାଇଁ ତକିଆ, ଗଦି, ରେଜେଇ ଆଦି କାମ କରନ୍ତି। ଏଥିପାଇଁ କପା, ଶିମିଳି, ସ୍ପଞ୍ଜ ତୁଳା ବ୍ୟବହାର କରିଥାନ୍ତି। ସେମାନଙ୍କ ଘର ବିହାର ରାଜ୍ୟ ପାଟନା ଅଞ୍ଚଳରେ। କିନ୍ତୁ ଝୁମ୍ପୁରାରେ ଥଇଥାନ ହୋଇ ଦୀର୍ଘ ୩୦ ବର୍ଷ ହେଲା ତୁଳା କାମ କରିଆସୁଛନ୍ତି ବୋଲି ଇସଲାମ କୁହନ୍ତି।

ଏହି ତୁଳା କାମ ସେମାନଙ୍କ କୌଳିକ ବୃତ୍ତି। ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡୁଥିଲେ ହେଁ ଅନେକ ସମୟରେ ପରିଶ୍ରମ ଅନୁଯାୟୀ ଲାଭ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ଆଜିକାଲି ବିଭିନ୍ନ କମ୍ପାନୀର ଗଦି ବଜାରରେ ମିଳୁଥିଲେ ହେଁ ଏହି ତୁଳା ଗଦି, ରେଜେଇ, ତକିଆ ଆଦିର ଚାହିଦା ରହିଛି। ବିଶେଷ କରି ଗ୍ରାମାଞ୍ଚଳରେ ଅଧିକ ରହିଛି। ବିଭିନ୍ନ କାରଣରୁ କପା, ଶିମିଳି ତୁଳାର ଉତ୍ପାଦନ କମୁଥିବାରୁ ଏହାର ସ୍ଥାନ ଆଜିକାଲି ଶସ୍ତା ସ୍ପଞ୍ଜ ତୁଳା ବା ନାଇଲନ ତୁଳା ନେଇଛି । କିନ୍ତୁ କପା, ଶିମିଳି ତୁଳା ଦେହ ପକ୍ଷେ ସ୍ୱାସ୍ଥ୍ୟ କର। ଏଣୁ ଏହାକୁ ବଡ଼ବଡ଼ିଆ ମାନେ ଅଧିକ ବ୍ୟବହାର କରୁଛନ୍ତି। ସେମାନେ ବାଲେଶ୍ୱରରୁ ତୁଳା କିଣି ଆଣି ଗାଁ ଗାଁ ବୁଲି ଲୋକଙ୍କ ଆବଶ୍ୟକତା ଅନୁଯାୟୀ କାମ କରିଥାନ୍ତି। ମାସକୁ ପରିଶ୍ରମ କରି ୧୦/୧୨ ହଜାର ଟଙ୍କା ରୋଜଗାର କରିଥାନ୍ତି। ଆଗରୁ ତୁଳା, କନା ସବୁର ଦାମ୍ କମ ଥିଲା। ଏବେ ସବୁ ମହଙ୍ଗା ହୋଇଗଲାଣି। ଏଣୁ ଆଗଭଳି ଲାଭ ହେଉନାହିଁ ବୋଲି ସେମାନେ କୁହନ୍ତି । ସକାଳ ୮ଟାରେ ଘରୁ ଲୁନା ଗାଡିରେ ତୁଳା ଓ ରେଜେଇ ପ୍ରସ୍ତୁତ ସାମଗ୍ରୀ ଧରି ବାହାରିଯାଆନ୍ତି। କାମ ସାରି ୪ଟାରେ ଫେରନ୍ତି । ଅନେକ ସମୟରେ କାମ ମିଳିଗଲେ ଡେରିରେ ଫେରିଥାନ୍ତି। ଅନେକ ଦିନ କାମ ନ ମିଳିଲେ ନିରାଶ ହୋଇ ଫେରନ୍ତି । ରାସ୍ତା କଡରେ ବା ଗାଁ ମୁଣ୍ଡରେ ଛାଇରେ ବସି ଘରୁ ପ୍ରସ୍ତୁତ କରି ନେଇଥିବା ଖାଦ୍ୟକୁ ମଧାହ୍ନରେ ଖାଇଥାନ୍ତି ବୋଲି କୁହନ୍ତି। ଖରା ଓ ଶୀତ ଦିନରେ ବ୍ୟବସାୟ ଭଲ ହୋଇଥାଏ। ଇସଲାମଙ୍କ ଘରେ ସ୍ତ୍ରୀ, ୩ ଝିଅ ଓ ୨ ପୁଅ ଅଛନ୍ତି । ସେହିପରି ଅନୱାରଙ୍କ ତିନି ଝିଅ। ସମସ୍ତେ ମଦ୍ରାସାରେ ପଢୁଛନ୍ତି ।


ରାସ୍ତାପାର୍ଶ୍ୱରେ ଦୁଇ ବେପାରୀ ଖାଉଛନ୍ତି।

### ୩୦ବର୍ଷ ହେଲା ଗାଁ ଗାଁ ବୁଲି କାମ କରୁଛନ୍ତି ଇସଲାମ

## ୨ କୁଇଣ୍ଟାଲ ଚୋରା କୋଇଲା ଜବତ

ପଦ୍ମପୁର, ୬।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ବୁଧବାର ୨ କୁଇଣ୍ଟାଲ ଚୋରା କୋଇଲା ଜବତ ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତିହିଡ଼ି ଥାନା ଅଧୀନ ବିଞ୍ଝାରପୁର ଗ୍ରାମର ଶଙ୍କର୍ଷଣ ବେହେରା। ସୂଚନା ଅନୁଯାୟୀ, ସେ ଏକ ଲୁନାରେ ଚୋରା କୋଇଲା ନେଇ ଆସୁଥିବା ଖବର ପାଇ ସାବରଙ୍ଗ ଏଟିଏମ୍ ଛକ ନିକଟରେ ପୋଲିସ ଜଗି ରହିଥିଲା। ଶଙ୍କର୍ଷଣ ସେଠାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଧରି ଚୋରା କୋଇଲା ସହ ଥାନାକୁ ନେଇଥିଲା। ଏନେଇ ଥାନାରେ ମାମଲା(ନଂ. ୨୩୨/୨୧) ରୁଜୁ ହୋଇଛି।

## କାଳୀପୂଜା ପାଇଁ ମାଟି ଉଠିଲା

ଭଣ୍ଡାରିପୋଖରୀ,୬।୧୦(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ସାର୍ବଜନୀନ କାଳୀପୂଜା କମିଟି ବୁଧବାର ପୁନର୍ଗଠନ କରାଯାଇଛି। କମିଟି ସଭାପତି ଭାବେ ପୁନର୍ବାର ପ୍ରଶାନ୍ତ କୁମାର ସାହୁ ଓ ସଂକଳ୍ପ କର୍ତ୍ତା ଭାବେ ନରେନ୍ଦ୍ର ରାଉତ ମନୋନୀତ ହୋଇଛନ୍ତି। ଏହି ଅବସରରେ ମହାଳୟାରେ ସ୍ଥାନୀୟ ନେଙ୍କୁ ପୀଠରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଉଠାଯାଇଛି। କମିଟି ସଦସ୍ୟ ଯୋଗେନ୍ଦ୍ର ନାଥ ଦାଶ, ରବୀନ୍ଦ୍ର କର, ସୁଶାନ୍ତ ବେହେରା, ବିଜୟ ନାୟକ, ସୁଶାନ୍ତ ଦାସ, ସୁରେନ୍ଦ୍ର ନାୟକ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ନିଗମାନନ୍ଦ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ଖାଦ୍ୟ ପରଷିଲେ ଜିଲାପାଳ

ବାରିପଦା ଅଫିସ, ୬।୧୦

ଆଜାଦି କା ଅମୃତ ମହୋତ୍ସବ ସପ୍ତାହ ପାଳନ ଅବସରରେ ବାରିପଦା ପୌରପରିଷଦ ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ ଓ ବାରିପଦା ସଦର ଉପଜିଲାପାଳ ଅନ୍ୟା ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୌରପରିଷଦର ସମସ୍ତ ସଫେଇ କର୍ମଚାରୀ, ଜମାଦାର, ସ୍ୱଚ୍ଛ ସାଥୀ ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପରଷିଥିଲେ। ସହରାଞ୍ଚଳରେ ସଫେଇ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ସମସ୍ତ ସଫେଇ କର୍ମଚାରୀ ଏବଂ ଜନସାଧାରଣଙ୍କ ସହଯୋଗ କାମନା କରିବା ସହିତ ଆଗକୁ ବାରିପଦା ସହର ସଫେଇରେ ଉଚ୍ଚ ସ୍ଥାନ ଅଧିକାର କରିପାରିବା ନେଇ ଜିଲାପାଳ ପରାମର୍ଶ ଦେଇଥିଲେ। ୧ନଂ. ୱାର୍ଡର ଅମୂଲ୍ୟ କୁମାର ବଡେଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉଜ୍ଜଳ କୁମାର ବେହେରା, ଗୌରୀ ଶଙ୍କର ନାୟକ, ସନ୍ତୋଷ କୁମାର ମହାନ୍ତି, ସାର୍ଥକ ପ୍ରୟାସ ପାତ୍ର, ଅମ୍ଳାନ ପଟ୍ଟନାୟକ ଓ ବିଶ୍ୱେଶ୍ୱର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



ଜିଲାପାଳ ବିନୀତ ଭରଦ୍ୱାଜ ଖାଦ୍ୟ ପରଷୁଛନ୍ତି।।

## ଜଙ୍ଗଲରୁ ମିଳିଲା ନରକଙ୍କାଳ

ବଡବିଲ, ୬।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ଗନ୍ଧଲପଦା ଗ୍ରାମ ଜଙ୍ଗଲରୁ ଏକ ନରକଙ୍କାଳକୁ ପୋଲିସ ମଙ୍ଗଳବାର ଜବତକରି ବ୍ୟବଚ୍ଛେଦ ନିମନ୍ତେ କଟକସ୍ଥିତ ଏଫ୍‌ଏମଟି (ଫରେନସିକ ମେଡିସିନ ଟକ୍ସିକୋଲୋଜି) ବିଭାଗକୁ ପଠାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮/୨୦୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ସୋମବାର ଅପରାହ୍ନରେ କିଛି ଲୋକ ଗନ୍ଧଲପଦା ଜଙ୍ଗଲରେ ଏକ ନରକଙ୍କାଳ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିଥିଲେ ହେଁ ମୃତକଙ୍କ ପରିଚୟ ମିଳିପାରି ନ ଥିଲା। ଗତ ଏକ ମାସ ତଳେ ଗୁଆଲି ଛକ ଅଞ୍ଚଳର ଜଣେ ବ୍ୟକ୍ତି ନିଖୋଜଥିବାରୁ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ମୃତଦେହ ଚିହ୍ନଟ ନିମନ୍ତେ ଡାକିଥିଲେ। ତେବେ ଉକ୍ତ ନରକଙ୍କାଳର ଦେହରେ ଲାଗିଥିବା ପ୍ୟାଣ୍ଟ ଓ ବେଲ୍ଟ ସହିତ ନିଖୋଜଥିବା ବ୍ୟକ୍ତିଙ୍କର ସାମଞ୍ଜସ୍ୟ ନ ଥିବା ଯୋଗୁ ତାହା ଅନ୍ୟ କାହାର ମୃତଦେହ ବୋଲି ପରିବାର ଲୋକେ କହିଥିଲେ। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଆବଶ୍ୟକୀୟ ନମୂନା ସଂଗ୍ରହ କରିଥିଲା।

### ବ୍ୟବଚ୍ଛେଦ ନିମନ୍ତେ ଏଫ୍‌ଏମଟିକୁ ପଠାଗଲା

## ହାଣ୍ଡିଆ ପାଇଁ ଭୁଜାଲି ମାଡ଼

ବାରିପଦା ଅଫିସ,୬।୧୦

ମୟୂରଭଞ୍ଜ ଜିଲା କୁଲିଅଣା ବ୍ଲକ ଅନ୍ତର୍ଗତ କୁଚେଇ ଗ୍ରାମରେ ହାଣ୍ଡିଆ ଲସି ବିକ୍ରିକୁ ନେଇ ଭୁଜାଲି ମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମକରୁ ମୁଖୀ କୁଚେଇ ଛକକୁ ହାଣ୍ଡିଆ ପିଇବା ପାଇଁ ଯାଇଥିଲେ। ସେହି ସମୟରେ କୌଣସି କଥାକୁ ନେଇ ହାଣ୍ଡିଆ ବିକ୍ରେତା ଅର୍ଜୁନ ମୁଖୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଜୁନ ପାଖ ଦୋକାନରୁ ଏକ ଭୁଜାଲି ଆଣି ମକରୁଙ୍କୁ ଆକ୍ରମଣ କରିଥିଲେ।

## ଗୋଁଡ ଏକାଡେମୀର ବାର୍ଷିକ କର୍ମଶାଳା

କେନ୍ଦୁଝର,୬।୧୦ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ବାଲିପୋଖରୀ ଗ୍ରାମରେ ଗୋଁଡ ସାଂସ୍କୃତିକ ସମାଜର ଖଣ୍ଡା ନୃତ୍ୟ ଏକାଡେମୀର ବାର୍ଷିକ କର୍ମଶାଳା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶିକ୍ଷା ବିଭାରେ ସାଧାରଣ ସମ୍ପାଦକ ଚକ୍ରଧର ନାୟକ, କାର୍ଯ୍ୟାଳୟ ସମ୍ପାଦକ ଦିଗମ୍ବର ଦଣ୍ଡପାଟ, ଗୋବିନ୍ଦ ଚନ୍ଦ୍ର ନାୟକ, ପୂଜକ ରମେଶ ନାୟକ, ବାଦ୍ୟକାର ଗଙ୍ଗାଧର ନାୟକ, ଧନେଶ୍ୱର ନାୟକ, ଗୋଲେଖ ନାୟକ, ଉପେନ୍ଦ୍ର ନାୟକ, ଫକୀର ଚରଣ ଖଣ୍ଡା, ସୁମିତ୍ରା ଖଣ୍ଡା ସମେତ ବହୁ କଳାକାର ସାମିଲ ହୋଇଥିଲେ।

## ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ଠାକୁରମୁଣ୍ଡା,୬।୧୦(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀର ଠାକୁରମୁଣ୍ଡାଠାରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରରେ ଅନ୍ୟ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମଙ୍କ ଉପସ୍ଥିତିରେ ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ପ୍ରିୟବ୍ରତ ପାତ୍ର, ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି,ସମୁଏଲ ନାଏକ, ବସନ୍ତ କୁମାର ପୈବର୍ତ୍ତୀ, ବ୍ଲକ କୋଅର୍ଡିନେଟର ସନ୍ତୋଷ ସାହୁ, ୧୮ନଂ.ଜୋନ କୋଅର୍ଡିନେଟର ବସନ୍ତ ମହାନ୍ତ, ୧୯ନଂ.ଜୋନ କୋଅର୍ଡିନେଟର ଭାବଗ୍ରାହୀ ମହାନ୍ତ, ଠାକୁରମୁଣ୍ଡା ବ୍ଲକ ସଭାପତି ନନ୍ଦକିଶୋର ବାରିକ, ବ୍ଲକ ମହିଳା ସଭାନେତ୍ରୀ ରେଣୁକା ପଲେଇ, ୧୯ ନଂ. ଜୋନ ଲିଡ଼ର ପ୍ରହଲ୍ଲାଦ ମଢେଇ, ୧୮ନଂ. ଜୋନ ଲିଡ଼ର ଶମ୍ଭୁନାଥ ମହାନ୍ତ, ଜିଲା ଛାତ୍ର ସଭାପତି ଅନିତ ମାନା, ବ୍ଲକ ଛାତ୍ର ସଭାପତି ନୀତିଶ କୁମାର ନନ୍ଦ, ବ୍ଲକ ଯୁବ ସଭାପତି ସତ୍ୟାନ୍ଦୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁରେ ପୋଡ଼ି ଦମ୍ପତି ଗୁରୁତର

ଚାନ୍ଦବାଲି, ୬।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କଣ୍ଡିଆସାହିରେ ମଙ୍ଗଳବାର ରାତିରେ ଗ୍ୟାସ୍ ଚୁଲାରୁ ନିଆଁ ଲାଗି ଏକ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ସାହିର ବିଜୟ ଧଳଙ୍କ ସ୍ତ୍ରୀ ମିନତି ରାତିରେ ଗ୍ୟାସ୍ ଚୁଲାରେ ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ବିଜୟ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ବେଳେ ସେ ମଧ ପୋଡ଼ି ହୋଇଯାଇଥିଲେ।

## ୪ ଚାଷୀ ପୁରସ୍କୃତ


କର୍ମଶାଳାରେ ଜଣେ ଚାଷୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବନ୍ତ,୬।୧୦(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଓଡ଼ଙ୍ଗ ପଞ୍ଚାୟତ ତୋଟାସାହି ଗ୍ରାମରେ ବୁଧବାର ଶଙ୍କର ଜାତୀୟ ଧାନ ଚାଷ ସମ୍ପର୍କିତ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାୟୋର କମ୍ପାନୀ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଚାଷୀ ଶରତ ପଲେଇ ସଭାପତିତ୍ୱ କରିଥିଲେ। ସରପଞ୍ଚ କିଶୋର କିଙ୍କର ପଡିଆରୀ, ବାୟୋର କମ୍ପାନୀର ଓଡ଼ିଶା ଓ ପଶ୍ଚିମବଙ୍ଗ ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ ବିଶ୍ୱାଳ, ଭଦ୍ରକର ପରିଚାଳକ ମହେନ୍ଦ୍ର ସିଂ ଓ ଫିଲ୍ଡ ସୁପରଭାଇଜର ପ୍ରଦୀପ ମିଶ୍ର ଯୋଗଦେଇ ଚାଷୀମାନଙ୍କୁ କୃଷି ପରାମର୍ଶ ଦେଇଥିଲେ। ଏହି ଅବସରରେ ୪ ସଫଳ ଚାଷୀ ଏରଝାଟିଆ ଗ୍ରାମର ସଚ୍ଚିଦାନନ୍ଦ ମଲ୍ଲିକ, ଗଜେନ୍ଦ୍ର ଜେନା, କାଦବରାଙ୍ଗର ସନ୍ତୋଷ ମଲ୍ଲିକ ଓ ଭାଗିରଥୀ ଜେନାଙ୍କୁ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ପ୍ରାୟ ୨ଶହ ହେକ୍ଟର ଜମିରେ ଏହି ଜାତୀୟ ଧାନ ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଠାରେ ଉଠା ଜଳସେଚନ ବ୍ୟବସ୍ଥା ପାଇଁ ଚାଷୀମାନେ ଦାବି କରିଛନ୍ତି। କୈଳାସ ପଡିଆରୀ, ସୁରେଶ ଚନ୍ଦ୍ର ନାୟକ, ଅନାମ ଚରଣ ଜେନା, ଭରତ ଚନ୍ଦ୍ର ମଲ୍ଲିକ, ଦିଲୀପ ପୁହାଣ, ହୃଷିକେଶ ମଲ୍ଲିକ, ମୁରଲୀଧର ମଲ୍ଲିକ ପ୍ରମୁଖ କର୍ମଶାଳାରେ ସହଯୋଗ କରିଥିଲେ। ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ।

## ବଜ୍ରପାତରେ ୧୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ମୃତ

କେନ୍ଦୁଝର, ୬।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ତରମାକାନ୍ତ ପଞ୍ଚାୟତର ଦୁର୍ଗମ ଉପରବିରିକଳା ଗ୍ରାମରେ ବଜ୍ରପାତ ଘଟି ୧୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ହୋଇଛି। ଉକ୍ତ ପ୍ରାଣୀମାନେ ଦିନରେ ନିକଟସ୍ଥ ଜଙ୍ଗଲରେ ଚରୁଥିବାବେଳେ ବଜ୍ରପାତ ହୋଇଥିଲା। ଏତେ ସଂଖ୍ୟକ ଗୋରୁଛେଳିଙ୍କର ଏକାସାଙ୍ଗରେ ମୃତ୍ୟୁ ଯୋଗୁ ସ୍ଥାନୀୟ ଆଦିବାସୀ ଲୋକେ କ୍ଷତିପୂରଣ ଦାବିକରିଛନ୍ତି।

## କଂଗ୍ରେସର ନୀରବ ଶୋଭାଯାତ୍ରା

କେନ୍ଦୁଝର, ୬।୧୦(ସ୍ୱ.ପ୍ର.)

ଉତ୍ତରପ୍ରଦେଶ ଲକ୍ଷ୍ମୀପୁରଠାରେ ଚାଷୀ ମୃତ୍ୟୁକୁ ନେଇ କେନ୍ଦୁଝରରେ କଂଗ୍ରେସର ନୀରବ ଶୋଭାଯାତ୍ରା କରାଯାଇଛି। ମୃତ ଶହୀଦ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଜିଲା ଯୁବ କଂଗ୍ରେସ କମିଟି ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ଯୁବ କଂଗ୍ରେସ କର୍ମୀମାନେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ନିରବ ମହମବତୀ ଶୋଭାଯାତ୍ରା କରିଥିଲେ। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ମୋହନ ପରିଡା, ମହିଳା କଂଗ୍ରେସ ସଭାନେତ୍ରୀ ସଙ୍ଗୀତା ସିଂହ, ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ସୋସିଆଲ ଜିଲା ସଂଯୋଜକ ସୁଢଳ ସେଠି, ଲଳିତ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବାରିପଦା ଅଫିସ,୬।୧୦

ବାରିପଦା ମାରୱାଡି ଯୁବା ମଞ୍ଚ ମୁଖ୍ୟ ଶାଖା ପକ୍ଷରୁ ସ୍ଥାନୀୟ ପିଆର୍‌ଏମ୍ ମେଡିକାଲ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶାଖାର ସଭାପତି ବର୍ଣ୍ଣି ଶର୍ମାଙ୍କ ସମେତ ସମ୍ପାଦକ ଅଖିଳେଶ ଶର୍ମା, ମନଦୀପ ସିଂ ରାଠୋର ଓ ରାହୁଲ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗ୍ୟାସ ଷ୍ଟୋଭ୍ ଫାଟି ଯୁବକ ଗୁରୁତର

ବାରିପଦା ଅଫିସ, ୬।୧୦

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଭଞ୍ଜପୁର ଅଞ୍ଚଳରେ ଗ୍ୟାସ ଷ୍ଟୋଭ୍ ଫାଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଶ୍ରୀତମ ପାଣିଗ୍ରାହୀ। ସେ ଭଞ୍ଜପୁର ସ୍ଥିତ ଭଡ଼ାଘରେ ରୋଷେଇ କରୁଥିବା ବେଳେ ଷ୍ଟୋଭ ଫାଟି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲା ପକାଇଲେ



ଫ୍ୟୁଜ କଲ୍ ସେଣ୍ଟର ସାମ୍ନାରେ ଉତ୍ତ୍ୟକ୍ତ ଉପଭୋକ୍ତାମାନେ।

ପଦ୍ମପୁର,୬।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କିଆପଡ଼ା ଓ ବିନାୟକପୁର ଗ୍ରାମର ବିଦ୍ୟୁତ୍ ଉପଭୋକ୍ତାମାନେ ୫ଦିନ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ପ୍ରତିବାଦରେ ବୁଧବାର ବିଭାଗୀୟ କର୍ମଚାରୀଙ୍କୁ ତାଲା ପକାଇଥିଲେ। ପ୍ରକାଶ ଯେ, କିଆପଡ଼ା ଛକରେ ଥିବା ଏକ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ଦୁଇ ଗ୍ରାମର ୧୩୦ରୁ ଊର୍ଦ୍ଧ୍ୱ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବାରମ୍ବାର ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଦାବି ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ବିଦ୍ୟୁତ୍ ବିଲ୍ ବାକି ଥିବା କହି ଟ୍ରାନ୍ସଫର୍ମର ବସାଇ ନ ଥିଲେ। ବୁଧବାର ଶତାଧିକ ମହିଳା ଓ ପୁରୁଷ କିଆପଡ଼ା ଛକରେ ଥିବା ଫ୍ୟୁଜ କଲ୍ ସେଣ୍ଟରରେ ପହଞ୍ଚି ହୋହଲ୍ଲା କରିବା ସହ କର୍ମଚାରୀଙ୍କୁ ତାଲା ପକାଇ ଦେଇଥିଲେ। ବାସୁଦେବପୁର ଏସ୍‌ଡିଓ ବିପ୍ରେସ କୁମାର ପହଞ୍ଚି ବୁଝାଶୁଝା କରି ଆସନ୍ତା ଦୁଇଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ପ୍ରାଥମିକ ଉପଚାର ପ୍ରଶିକ୍ଷଣ

ଭଦ୍ରକ ଅଫିସ, ୬।୧୦

ଭଦ୍ରକ ଜିଲା ସ୍କୁଲଠାରେ ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଓ କନିଷ୍ଠ ରେଡ୍‌କ୍ରସ ଓଡ଼ିଶା ଶାଖା ପକ୍ଷରୁ ଜୋନାଲ ସ୍ତରୀୟ ଚାରିଦିନିଆ ପ୍ରାଥମିକ ଉପଚାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଚକ୍ରଧର ମଲ୍ଲିକ ୭ଟି ଜିଲାରୁ ଆସିଥିବା ପରାମର୍ଶଦାତାଙ୍କୁ ସ୍ୱାଗତ କରିଥିବା ବେଳେ ଜିଲା ଯୁଗ୍ମ ସମ୍ପାଦକ ହେମନ୍ତ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ଜୁନିୟର ରେଡ୍‌କ୍ରସ ସମ୍ପାଦକ ମାୟାଧର ସାହୁ ଓ ରେଡ୍‌କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସାଧନ କର୍ମୀ ଗୁଲସନ କୁମାର ଦାସ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସଭା ପରିଚାଳନା କରିଥିଲେ ମୟୂରଭଞ୍ଜ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି। ଝାରସୁଗୁଡ଼ା ଜେଆର୍‌ସି ବିମଳ ତାଣ୍ଡି ଓ ଦେବଗଡ଼ ଜେଆର୍‌ସି ରଶ୍ମିନ ଦାସ, କାର୍ଯ୍ୟକାରୀ ସଭ୍ୟ କିଶୋର ଧଳ, ଶାନ୍ତିଲତା ପଣ୍ଡା, ଓଷ୍ଟା ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାଉନସେଲର ତରଣୀସେନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସଚେତନତା

ବେତନଟୀ,୬।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ନଡ଼ପୁର ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସତ୍ୟ ସୁନ୍ଦର ରାଉତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଇନସେବା ପ୍ରାଧିକାରଣର ସମ୍ପାଦକ ବିଚାରପତି ସୌମ୍ୟ ସ୍ୱରୂପ ସାହୁ ଯୋଗ ଦେଇଥିଲେ। ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମ ପରିଡ଼ା, କନିଷ୍ଠ ଯନ୍ତ୍ରୀ ଇଂ. ବୈଦ୍ୟନାଥ ମୁର୍ମୁ ପାରାଲିଗାଲ ସ୍ୱେଚ୍ଛାସେବୀ ରବୀନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

